# ଫାରମ ୧

(ନିୟମ ୩ ଦ୍ରଷ୍ଟବ୍ୟ)

## ନିର୍ବାଚନ ନୋଟିସ୍

ଏତଦ୍ଵାରା ନୋଟିସ ଦିଆଯାଉଛି ଯେ –

(୧) ଓଡିଶା (ରାଜ୍ୟ) ବିଧାନ ସଭାକୁ ୫୦-ବଡଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଜଣେ ସଭ୍ୟଙ୍କ ନିର୍ବାଚନ ହେବ ।

(୨) ୧୪.୦୫.୨୦୨୪ ତାରିଖ ସୁଦ୍ଧା ଯେ କୌଣସି ଦିନ (ସାଧାରଣ ଛୁଟି ଦିବସ ବ୍ୟତୀତ) ପୂର୍ବାହ୍ନ ୧୧ ଘଣ୍ଟାଠାରୁ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କର କୌଣସି ଜଣେ ପ୍ରସ୍ତାବକ ମନୋନୟନ ପତ୍ର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଯାଜପୁର, ପ୍ରଥମ ମହଲା, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଙ୍କ କାର୍ଯ୍ୟାଳୟ, ପ୍ରକୋଷ୍ଠ ସଂଖ୍ୟା-୧୧ କିମ୍ବା ଶ୍ରୀ ମାନସ କୁମାର ତ୍ରିପାଠୀ, ତହସିଲଦାର, ଦର୍ପଣ ତଥା ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ।

(୩) ପୂର୍ବୋକ୍ତ ସ୍ଥାନରେ ପୂର୍ବୋକ୍ତ ସମୟରେ ମନୋନୟନ ପତ୍ରର ଫାରମ ମିଳିପାରିବ ।

(୪) ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଯାଜପୁର, ପ୍ରଥମ ମହଲା, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଙ୍କ କାର୍ଯ୍ୟାଳୟ, ପ୍ରକୋଷ୍ଠ ସଂଖ୍ୟା-୧୧ ସ୍ଥାନରେ ୧୫.୦୫.୨୦୨୪ ତାରିଖରେ ୧୧.୦୦ ଘଣ୍ଟା ସମୟରେ ମନୋନୟନ ପତ୍ର ଯାଞ୍ଚ କରାଯିବ ।

(୫) ପାର୍ଥିତ୍ୱ ପ୍ରତ୍ୟାହରଣ ନିମନ୍ତେ ନୋଟିସ୍, ସ୍ୱୟଂ ପ୍ରାର୍ଥୀ ଅଥବା ତାହା ଦାଖଲ କରିବା ନିମନ୍ତେ ପ୍ରାର୍ଥୀଙ୍କ ଦ୍ୱାରା ଲିଖିତ ଭାବରେ ପ୍ରାଧିକୃତ ହୋଇଥିବା ତାହାଙ୍କ ପ୍ରସ୍ତାବକମାନଙ୍କ ମଧ୍ୟରୁ କୌଣସି ଜଣେ ବା ନିର୍ବାଚନ ଏଜେଣ୍ଟ ପାରାଗ୍ରାଫ (୨) ରେ ବିନିର୍ଦ୍ଦିଷ୍ଟ ଯେ କୌଣସି ଅଧିକାରୀଙ୍କ ନିକଟରେ ତାହାଙ୍କ କାର୍ଯ୍ୟାଳୟରେ ୧୭.୦୫.୨୦୨୪ ତାରିଖ ଅପରାହ୍ନ ୩ ଘଣ୍ଟା ପୂର୍ବରୁ ଦାଖଲ କରିବେ ।

(୬) ଯଦି ନିର୍ବାଚନ ପ୍ରତିଦ୍ୱନ୍ଦିତାମୂଳକ ହୁଏ ତେବେ ୦୧.୦୬.୨୦୨୪ ତାରିଖରେ ସକାଳ ୭.୦୦ ଘଣ୍ଟାଠାରୁ ସନ୍ଧ୍ୟା ୬.୦୦ ଘଣ୍ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ।

ସ୍ଥାନ- ଯାଜପୁର

ତାରିଖ-୦୭.୦୫.୨୦୨୪

(signature) ୭/୫/୨୪

ରିଟର୍ଣ୍ଣିଂ ଅଧିକାରୀ,

୫୦- ବଡଚଣା

ରିଟର୍ଣ୍ଣିଂ ଅଫିସର
୫୦-ବଡଚଣା
ବିଧାନସଭା ନିର୍ବାଚନ ମଣ୍ଡଳୀ